# ‘ଜାଗା ମିଶନ’ ଦିଗହରା



ଭୁବନ ଏନ୍‌ଏସି ଅନ୍ତର୍ଗତ କୋହ୍ଲସାହି।

(ବିପିନ ବିହାରୀ ସେଠୀ)
ଭୁବନ, ୯।୯

- ୩୧୦ ପରିବାର ମଧ୍ୟରୁ ୭୦ ଜଣଙ୍କୁ ମିଳିଛି ଜମି ପଟ୍ଟା
- ମୂଳ ବାସସ୍ଥାନ ଛାଡ଼ିବାକୁ ଅମଙ୍ଗ ୧୩୮ ପରିବାର
- ଆଲୋଚନା ପରେ ଆରମ୍ଭ ହେବ ବହୁମୁଖୀ ପ୍ରକଳ୍ପ

ସହରାଞ୍ଚଳର ଗରିବ ଭୂମିହୀନ ବସ୍ତିବାସିନ୍ଦାଙ୍କ ମୁହଁରେ ଫୁଟିବ ହସ। ମୁଣ୍ଡକୁ ଛାତ। ପେଟକୁ ଭାତ। ହାତପାହାନ୍ତାରେ ଆବଶ୍ୟକ ମୌଳିକ ସୁବିଧା ଯୋଗାଇ ଦେବେ ରାଜ୍ୟ ସରକାର। ଆର୍ଥିକ ଅନଗ୍ରସର ପରିବାରର ଜୀବନଧାରଣ ମାନଦଣ୍ଡରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ୨୦୨୦ ସେପ୍ଟେମ୍ବର ୨୮ରେ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି ‘ଜାଗା ମିଶନ’। ହେଲେ ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ଏଭଳି ବହୁମୁଖୀ ପ୍ରକଳ୍ପ କେବଳ ଯୋଜନାରେ ସୀମିତ ରହିଯାଇଛି। ଅନେକ ହିତାଧିକାରୀ ପରିବାର ଚିରାଚରିତ ଜୀବନଶୈଳୀରୁ ବାହାରକୁ ଆସିବାକୁ ଚାହୁଁ ନ ଥିବାରୁ ‘ଜାଗା ମିଶନ’ର ସଫଳ ରୂପାୟନକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

ଝୁମ୍ପୁଡ଼ି ମୁକ୍ତ ହେବ ସହର। ଅଣବିବାଦୀୟ ସରକାରୀ ଜମିରେ ବସ୍ତିବାସିନ୍ଦା ଥଇଥାନ ହେବେ। ଉକ୍ତ ଅଞ୍ଚଳରେ ରାସ୍ତାଘାଟ ନିର୍ମାଣ, ସ୍ୱଚ୍ଛ ପାନୀୟ ଜଳ ସୁବିଧା, ଡ୍ରେନେଜ୍ ବ୍ୟବସ୍ଥା, ଷ୍ଟ୍ରିଟ୍‌ଲାଇଟ୍, ବିଦ୍ୟୁତୀକରଣ କରାଯିବ। ଏହାକୁ ବାଦ୍‌ଦେଲେ ଚିତ୍ତବିନୋଦନ ଲାଗି ପାର୍କ, ଜିମ୍, ଖେଳପଡ଼ିଆ, ପରିଚୟ ଗୃହ ନିର୍ମାଣ କରାଯିବ ବୋଲି ‘ଜାଗା ମିଶନ’ ଅଧୀନରେ ପ୍ରସ୍ତୁତ କରାଯାଇଛି ନୀଳ ନକ୍ସା। ହେଲେ ଦୀର୍ଘଦିନରୁ ଜଙ୍ଗଲ ଜମିରେ ବାସ କରି ଆସୁଥିବା ପରିବାର ହଠାତ୍ ସ୍ଥାନ ପରିବର୍ତ୍ତନ ପାଇଁ ପଛଘୁଞ୍ଚା ଦେଉଛନ୍ତି। ସରକାରୀ ବ୍ୟବସ୍ଥା ଉପରେ ଭରସା ଆସୁ ନ ଥିବାରୁ ଭୁବନ ସହରାଞ୍ଚଳରେ ‘ଜାଗା ମିଶନ’ର ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେଇଛି।

୨୦୧୭ରେ ଭୁବନ ସହରରେ ଥିବା ବସ୍ତିଗୁଡ଼ିକର ସ୍ଥିତି ଜାଣିବା ଲାଗି ଡ୍ରୋନ୍ ମ୍ୟାପିଂ କରାଯାଇଥିଲା। ଉକ୍ତ ତଥ୍ୟ ଆଧାରରେ ଏନ୍‌ଏସିର ୩ନଂ. ୱାର୍ଡର ଗୋଡ଼ିପାଟଣା, ନଟାକଟା କଲୋନୀ, ୨ନଂ. ୱାର୍ଡର ଟୋଲଙ୍କବେରେଣୀ ଏବଂ ଭଦଳିଆପଶି କୋହ୍ଲସାହି ଆଦି ୪ ବସ୍ତିକୁ ‘ଜାଗା ମିଶନ’ରେ ସାମିଲ କରାଯାଇଛି। ପ୍ରଶାସନିକ ତଦନ୍ତ, ନଥିପତ୍ର ଯାଞ୍ଚ ପରେ ମୋଟ ୩୧୦ ପରିବାର ଘରଡିହ ପଟ୍ଟା ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୦ ପରିବାରକୁ ବିଭିନ୍ନ ସ୍ଥାନରେ ଘରଡିହ ପଟ୍ଟା ବଣ୍ଟନ ସରିଛି। ସେହିପରି କିସମ ପରିବର୍ତ୍ତନ କରି ୨୦ ଜଣଙ୍କୁ ଜମି ପଟ୍ଟା ଦିଆଯିବ। ଏଥିଲାଗି ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ୧୩୮ ଜଣଙ୍କଠାରୁ ଭୂମି ଅଧିଗ୍ରହଣ କରାଯାଇଛି। ତଦନ୍ତ ପରେ ୬୨ ଜଣଙ୍କୁ ନାକଚ କରି ଦିଆଯାଇଛି। ଭଦଳିଆପଶି କୋହ୍ଲସାହିର ୧୩୮ ପରିବାରକୁ ବୁଦ୍ଧେଶ୍ୱର ମନ୍ଦିର ନିକଟବର୍ତ୍ତୀ ସ୍ଥାନରେ ଥଇଥାନ କରିବାକୁ ଜାଗା ଚିହ୍ନଟ ପ୍ରକ୍ରିୟା ଚାଲିଛି। ସେଠାରେ ସରକାରୀ ମ୍ୟାପ୍ ଅନୁଯାୟୀ ବାସଗୃହ ସମେତ ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣ କରାଯିବ। ଏହାପରେ ସମ୍ପୃକ୍ତ ପରିବାରକୁ ସେଠାରେ ଥଇଥାନ କରାଯିବ ବୋଲି ଯୋଜନା ରହିଛି। ତେବେ ଦୀର୍ଘଦିନ ଧରି ଗୋଚର ଏବଂ ଜଙ୍ଗଲ ଜମିରେ ବାସ କରୁଥିବା କୋହ୍ଲସାହି ବାସିନ୍ଦା ଏଥିଲାଗି ଅମଙ୍ଗ ହେଉଛନ୍ତି। ସେମାନେ ଦୀର୍ଘଦିନ ଧରି ଗୋଟିଏ ଜାଗାରେ ବସବାସ କରୁଥିବାବେଳେ ହଠାତ୍ ସ୍ଥାନ ପରିବର୍ତ୍ତନ କଲେ ସମସ୍ୟା ଉପୁଜିବା ଆଶଙ୍କାରେ ରହିଛନ୍ତି। ତେଣୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିରୋଧାଭାସର ଗନ୍ଧ ଉଠିଲାଣି।

ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ସାହୁ କୁହନ୍ତି, ଜାଗା ମିଶନରେ ସାମିଲ ହୋଇଥିବା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସେମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ମଧ୍ୟ ଦିଆଯାଇଛି। ପ୍ରକଳ୍ପ ହେବାକୁ ଥିବା ଜମି ଚିହ୍ନଟ ପ୍ରକ୍ରିୟା ଚାଲିଛି। ଏହାର ସବିଶେଷ ତଥ୍ୟ ଜିଲା ପ୍ରଶାସନକୁ ଦିଆଯିବ। ଜିଲାସ୍ତରରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ମାନସିକସ୍ତରରେ ପ୍ରସ୍ତୁତ ହୋଇପାରୁନୁ



“ବହୁ ବର୍ଷ ଧରି ଗୋଟିଏ ସ୍ଥାନରେ ରହିବା ପରେ ଅନ୍ୟତ୍ର ବସତି ସ୍ଥାପନ କରିବା କଷ୍ଟକର। ଏଥିଲାଗି ଅଧିକାଂଶ ପରିବାର ମାନସିକସ୍ତରରେ ପ୍ରସ୍ତୁତ ନୁହନ୍ତି। ଜଙ୍ଗଲ ଜମିରେ ବାସ କରୁଥିବା ସମସ୍ତ ପରିବାରକୁ ସେମାନେ ରହୁଥିବା ସ୍ଥାନରେ ଜମିପଟ୍ଟା ପ୍ରଦାନ କରାଗଲେ ଭଲ ହୁଅନ୍ତା। ଜିଲା ପ୍ରଶାସନ ସମସ୍ୟାର ଗୁରୁତ୍ୱକୁ ବୁଝି ଏହାର ସମାଧାନ କଲେ ଶତାଧିକ ଆଦିବାସୀ ପରିବାର ଉପକୃତ ହେବେ।

ଟୁନାକର ସାହୁ, କୋହ୍ଲସାହି ବାସିନ୍ଦା

### ନିଷ୍ପତ୍ତିର ପୁନର୍ବିଚାର ଆବଶ୍ୟକ



“ଦୀର୍ଘଦିନ ଧରି ଏକତ୍ର ସହାବସ୍ଥାନ ଫଳରେ ଭାଇଚାରା ସମ୍ପର୍କ ତିଆରି ହୋଇଛି। ଅନ୍ୟତ୍ର ସ୍ଥାନାନ୍ତର କରାଗଲେ ଗରିବ ଭୂମିହୀନ ପରିବାର ଅଯଥା ସମସ୍ୟା ଭୋଗିବେ। ତେଣୁ ସରକାର ନିଷ୍ପତ୍ତିର ପୁନର୍ବିଚାର କରିବା ଆବଶ୍ୟକ। ଏବେକାର ସ୍ଥାନରେ ସ୍ଥାୟୀ ଭାବେ ରହିବା ଲାଗି ଘରପଟ୍ଟା ସହ ଆବାସ ଯୋଜନାରେ ଘର ଯୋଗାଇଦେଲେ ସମସ୍ୟାର ସରଳ ସମାଧାନ ହୋଇପାରିବ।

ବିପିନ ନାଏକ, କୋହ୍ଲସାହି ବାସିନ୍ଦା

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଛେଣ୍ଡିପଦା,୯।୯(ସ୍ୱ.ପ୍ର.)

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା କତଡାସ୍ଥିତ ଜାଇକା ଢାବା ନିକଟରେ ଗୁରୁବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ ଟ୍ରଲର ପଛକୁ ବାଇକ୍ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜରପଡ଼ା ଥାନା ଜେରେଙ୍ଗ ଦେହୁରୀସାହିର ମୋହନ ନାଏକଙ୍କ ପୁଅ ଟୁନା ନାଏକ। ଘଟଣାରୁ ପ୍ରକାଶ, ଟୁନା ଏକ ବାଇକ୍ ଯୋଗେ ବଇଣ୍ଡା ଅଭିମୁଖେ ଯାଉଥିବାବେଳେ ଜାଇକା ଢାବା ନିକଟରେ ଆଗରେ ଯାଉଥିବା ଏକ ଟ୍ରଲର ପଛପଟେ ବାଡେଇ ହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଜରପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟିଥିବା ଟ୍ରଲରଟି ପଳାଇ ଯାଉଥିବାବେଳେ ପୋଲିସ ବାଇକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ରେଳ ଧାରଣାରୁ ମୃତଦେହ ଜବତ

ବଇଣ୍ଡା,୯।୯(ଡି.ଏନ.ଏ)

କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ଡଙ୍ଗିଆଣି ରେଳଧାରଣାରୁ ଗୁରୁବାର ବଇଣ୍ଡା ରେଲୱେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ତୁରୁଡା ଗ୍ରାମର ବ୍ରଜମୋହନ ସାହୁ(୨୫)। ବ୍ରଜମୋହନଙ୍କ ମୃତଦେହ ରେଳଧାରଣରେ ପଡ଼ିଥିବା ଦେଖି କେତେଜଣ ଯୁବକ ରେଲୱେ ପୋଲିସକୁ ସୂଚନା ଦେଇଥିଲେ। ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ଲାଗି ତାଳଚେର ଡାକ୍ତରଖାନାକୁ ପଠାଯାଇଛି।

## ସଂକ୍ଷେପରେ

### ବିଦ୍ୟାଳୟ ପରିଚାଳନା ପରିଷଦ ବୈଠକ



**ଢେଙ୍କାନାଳ ଅଫିସ,୯।୯:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ସଭାନେତ୍ରୀ ସୁଷମା ସାମଲ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ସମ୍ମିଶ୍ରଣ ପାଣ୍ଠି, ପରିଚାଳନା ପରିଷଦ ତାଲିମ, ଇକୋ କ୍ଲବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୨୬୩ ଜଣ ଛାତ୍ରୀଛାତ୍ରଙ୍କୁ ପରିଷଦ ବୈଠକ ପକ୍ଷରୁ ଦୁଇ ହଳ ଲେଖାଏ ପୋଷାକ, ଜୋତା ଓ ମୋଜା ପ୍ରଦାନ କରାଯାଇଛି। ଶିକ୍ଷକ ବିମଳ କିଶୋର ବିହାରୀ, ଅଜିତ କୁମାର ରାଉତ, ଶିକ୍ଷୟିତ୍ରୀ ଚଞ୍ଚଳା କୁମାରୀ ସାହୁ, ହିରଣ୍ମୟୀ ପଣ୍ଡା, ଶର୍ମିଷ୍ଠା ବେହେରା, ମଧୁସ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷାନୀତି ସମ୍ପର୍କରେ ଆଲୋଚନା



**ଢେଙ୍କାନାଳ ଅଫିସ, ୯।୯:** ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଭାରତ ସରକାର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଭର୍ଚୁଆଲ ମାଧମରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହିତ ୧୧ଦିନ ବ୍ୟାପୀ ଶିକ୍ଷାପର୍ବର ଉଦ୍‌ଘାଟନୀ ଦିବସରେ ଭାରତୀୟ ସାଙ୍କେତିକ ଭାଷାର ୧୦ ହଜାର ଶବ୍ଦର ଶବ୍ଦକୋଷ, ସିବିଏସ୍‌ଇର ଗୁଣାତ୍ମକ ମୂଲ୍ୟାୟନ ଢାଞ୍ଚା, ବିଦ୍ୟାଞ୍ଜଳି ପୋର୍ଟାଲ, ନିପୁଣ ଭାରତ ପାଇଁ ନିଷ୍ଠା ଆଦି ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ଆୟୋଜିତ ଅମୃତ ମହୋତ୍ସବର ଏହା ଅଂଶବିଶେଷ ବୋଲି ସୂଚନା ଦିଆଯାଇଥିଲା। ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଲୋଚନାରେ ଭାଗ ନେଇଥିଲେ।

### ନବୀନ ଦାସ ଓଡ଼ିଶା ତୀରନ୍ଦାଜ ସଂଘ ଉପସଭାପତି



**ଢେଙ୍କାନାଳ ଅଫିସ,୯।୯:** କଟକର ବାରବାଟୀ ଷ୍ଟାଡିୟମ୍‌ରେ ମଙ୍ଗଳବାର ଓଡ଼ିଶା ତୀରନ୍ଦାଜ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପୂର୍ବତନ ମୁଖ୍ୟଶାସନ ସଚିବ ଗୋକୁଳାନନ୍ଦ ପତି ରାଜ୍ୟ ସଂଘ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଢେଙ୍କାନାଳ ଜିଲା ତୀରନ୍ଦାଜ ସଂଘ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ ରାଜ୍ୟ ସଂଘର ଉପସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ସମ୍ପାଦକ ଅମିୟ ଚାନ୍ଦ ସୂଚନା ଦେଇଛନ୍ତି। ଏଥିଲାଗି ନବୀନଚନ୍ଦ୍ରଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଭାଜପା ମଣ୍ଡଳସ୍ତରୀୟ ବୈଠକ

**ବଇଣ୍ଡା,୯।୯(ଡି.ଏନ.ଏ):** କିଶୋରନଗର ବ୍ଲକ ଉରୁକୁଲାଠାରେ ମଙ୍ଗଳବାର ଭାଜପା ନାକିଚି ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, ଅର୍ଜୁନ ପାଣ୍ଡେ, ହୃଦାନନ୍ଦ ପ୍ରଧାନ, ଅଲେଖ ପ୍ରଧାନ, ବିଶ୍ୱଜିତ୍ ମିଶ୍ରଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ବୈଠକରେ କିଶୋରନଗର ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ିଗ୍ରସ୍ତ ଘୋଷଣା କରିବା ପାଇଁ ବ୍ଲକ ପ୍ରଶାସନ ନିକଟରେ ଦଳ ପକ୍ଷରୁ ଦାବି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ପ୍ରାର୍ଥୀ କିଭଳି ବିଜୟୀ ହେବ ସେଥିପାଇଁ ସମସ୍ତେ ଏକଜୁଟ୍ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ।

## ୨ ହାଇସ୍କୁଲରୁ ୮ ସଂକ୍ରମିତ ଚିହ୍ନଟ

କାମାକ୍ଷାନଗର, ୯।୯(ଡି.ଏନ୍.ଏ.)

**ଶିକ୍ଷାନୁଷ୍ଠାନରେ ବଢୁଛି କରୋନା ସଂକ୍ରମଣ**





ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରୁ କରୋନା ସଂକ୍ରମିତ ଚିହ୍ନଟ ହେବା ଶିକ୍ଷା ବିଭାଗର ଚିନ୍ତା ବଢ଼ାଇଛି। କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ ପରେ ରାୟନୃସିଂହପୁର ହାଇସ୍କୁଲ ଏବଂ କୋଟଗରା ହାଇସ୍କୁଲରୁ ୮ ପଜିଟିଭ୍ ବାହାରିଛନ୍ତି। ସିଦ୍ଧେଶ୍ୱରୀ ହାଇସ୍କୁଲରୁ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ୫ ଛାତ୍ରୀ ଏବଂ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ଏହାପରେ ପ୍ରଧାନ ଶିକ୍ଷକ ସତ୍ୟବାଦୀ ସାମଲ ଶିକ୍ଷାନୁଷ୍ଠାନକୁ ଦିନକ ପାଇଁ ବନ୍ଦ କରିଛନ୍ତି। ସେହିପରି କୋଟଗରା ଉଚ୍ଚ ବିଦ୍ୟାଳୟରୁ ୨ ଛାତ୍ରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରମିଳ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏଥିପୂର୍ବରୁ କାନପୁରା ପଞ୍ଚାୟତିରାଜ ହାଇସ୍କୁଲରୁ ୧୪ ଛାତ୍ରୀଛାତ୍ର, ୬ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ରହିଛନ୍ତି। ଦୈନିକ ଗୋଟିଏ ଗୋଟିଏ ବିଦ୍ୟାଳୟରେ ସ୍ୱାବ୍ ପରୀକ୍ଷା ହେଉଥିବାରୁ ଆଗାମୀ ଦିନରେ ଅଧିକ ଛାତ୍ରୀଛାତ୍ର ଚିହ୍ନଟ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ।

ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା କୁହନ୍ତି, ପରିସ୍ଥିତି ଉପରେ ନଜର ରଖାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ବିଦ୍ୟାଳୟକୁ ସାନିଟାଇଜ୍ କରାଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉଛି।

## ୧୨ ସଂକ୍ରମିତ ଚିହ୍ନଟ

ଢେଙ୍କାନାଳ ଅଫିସ,୯।୯

ଢେଙ୍କାନାଳ ଜିଲାରୁ ଗୁରୁବାର ୧୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୪ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକର ୬, ଓଡ଼ାପଡ଼ାର ବ୍ଲକର ୪, ସଦର ବ୍ଲକର ୧, ଢେଙ୍କାନାଳ ପୌରାଞ୍ଚଳର ଜଣେ ରହିଛନ୍ତି। ଜିଲାରେ ସକ୍ରିୟ ମାମଲା ୧୪୮ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସୁରେଶ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ

ଢେଙ୍କାନାଳ ଅଫିସ,୯।୯

ଢେଙ୍କାନାଳ ଜିଲା ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏ ନେଇ ସୁରେଶ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ପ୍ରଭାରୀ ଚେଲ୍ଲା କୁମାର, ପୂର୍ବତନ ପିସିସି ସଭାପତି କାମାକ୍ଷା ପ୍ରସାଦ ସିଂଦେଓଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ କଂଗ୍ରେସ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ସୁରେଶ କହିଛନ୍ତି।

## ୧୦ ତହସିଲ କର୍ମଚାରୀ ସମ୍ପୃକ୍ତ

ଢେଙ୍କାନାଳ ଅଫିସ, ୯।୯

**ଜମି କିସମ ପରିବର୍ତ୍ତନ ଦୁର୍ନୀତି ମାମଲା**
- ମୋଟ୍ ୧୧ ଜଣଙ୍କ ନାମରେ ଥାନାରେ ଅଭିଯୋଗ
- ନିଲମ୍ବିତ ଅତିରିକ୍ତ ତହସିଲଦାରଙ୍କ ସମେତ ୨ ଅଟକ

ଢେଙ୍କାନାଳ ସଦର ତହସିଲରେ ଜମି କିସମ ପରିବର୍ତ୍ତନ ଦୁର୍ନୀତି ମାମଲାରେ ଗୁରୁବାର ଟାଉନ ଥାନାରେ ୧୧ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ତହସିଲ କାର୍ଯ୍ୟାଳୟର ୧୦ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି। ଅପରପକ୍ଷେ ଭିଜିଲାନ୍ସ ହାତରେ ଧରାପଡ଼ି ନିଲମ୍ବିତ ହୋଇଥିବା ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇଙ୍କ ସମେତ ଅନ୍ୟ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ଦୁର୍ନୀତିରେ ସମ୍ପୃକ୍ତ ୧୧ ଜଣଙ୍କ ମଧ୍ୟରୁ ୧୦ ଜଣ ତହସିଲ କାର୍ଯ୍ୟାଳୟର ବିଭିନ୍ନ ପଦପଦବୀରେ ଅବସ୍ଥାପିତ। ସେମାନଙ୍କ ମଧ୍ୟରେ ୫ ଜଣ ଅମିନ, ୨ ଜଣ ଡାଟାଏଣ୍ଟ୍ରି ଅପରେଟର, ୨ ଜଣ ରେକର୍ଡକିପର, ଜଣେ ପୂର୍ବତନ ଅତିରିକ୍ତ ତହସିଲଦାର ରହିଛନ୍ତି। ଅନ୍ୟଜଣେ ଅଭିଯୁକ୍ତ ଆବେଦନକାରୀ ବୋଲି ପୋଲିସ କହିଛି। ଏ ସଂକ୍ରାନ୍ତରେ ସଦର ସହସିଲଦାରଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ କେସ୍ ନଂ. ୩୬୩/୨୧, ଦଫା ୪୨୦, ୪୬୭, ୪୬୮, ୪୭୧, ୧୨୦(ବି) ଏବଂ ୩୪ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଢେଙ୍କାନାଳ ସହର ଉପକଣ୍ଠ ସାନଷାଠିଏବାଟିଆ ମୌଜାର ଖାତା ନଂ ୩୮୭/୧୮୯୬ର ପ୍ଲଟ୍ ନମ୍ବର ୫୨୨ ଅନ୍ତର୍ଗତ ୩୧୦ ଡେସିମିଲ ଜମି ଜଳାଶୟ-୨ କିସମର ଥିଲା। ତହସିଲ କାର୍ଯ୍ୟାଳୟରେ ଚଞ୍ଚକତା କରି ଏହାର କିସମ ବଦଳାଇ ଜଳାଶୟ କିସମ-୨ରୁ ଶାରଦ କିସମ-୨ କରି ଦିଆଯାଇଥିଲା। ଉକ୍ତ ଜମିକୁ ବିକ୍ରି କରିବାକୁ ମସୁଧା ଚାଲିଥିବାବେଳେ ସଦର ତହସିଲଦାର ଦୁର୍ନୀତି ଧରିଥିଲେ। ବିବାଦୀୟ ଜମିର ବିକ୍ରିବଟା ଏବଂ କାଗଜପତ୍ର ନ କରିବା ପାଇଁ ସେ ଜିଲା ସବ୍‌ରେଜିଷ୍ଟ୍ରରଙ୍କୁ ପତ୍ର ଲେଖି ଜଣାଇଥିଲେ। କାଗଜପତ୍ର ଯାଞ୍ଚ, ଅନୁସନ୍ଧାନ ପରେ ସମସ୍ତ ଘଟଣାର ରହସ୍ୟ ଉନ୍ମୋଚିତ ହୋଇଥିଲା। ଏ ସଂକ୍ରାନ୍ତରେ ନୂତନ ଜିଲାପାଳ ବର୍ତ୍ତମାନର ଭାରପ୍ରାପ୍ତ ଉପଜିଲାପାଳଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ପ୍ରଦାନ କରାଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

## ଦୁର୍ଦ୍ଦାନ୍ତ ଶୁଭରାଜ ଗିରଫ

ପରଜଙ୍ଗ,୯।୯(ଡି.ଏନ.ଏ.)



ଗିରଫ ଅଭିଯୁକ୍ତ ଶୁଭରାଜ ନାଏକ।

ବୋମା ବିସ୍ଫୋରଣରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ଶୁଭରାଜ ନାଏକ ଓରଫ୍ ବବ୍‌ଲୁଙ୍କୁ ଗୁରୁବାର ପରଜଙ୍ଗ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ଘର କୁଷ୍ଟିଆବେଡ଼ା ଗ୍ରାମରେ। ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗତ ଅଗଷ୍ଟ ୨୪ ଅପରାହ୍ନ ସାଢ଼େ ୧ଟାରେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମେଣ୍ଢାପଦା ଗ୍ରାମର ପାନମସଲା ବ୍ୟବସାୟୀ ଅଭୟ ବିଶ୍ୱାଳଙ୍କଠାରୁ ଲୁଟ୍ ହୋଇଥିଲା। ଅଭୟ ତାଙ୍କ ପୁଅଙ୍କ ସହ ଭାଲୁମୁଣ୍ଡା ସାପ୍ତାହିକ ହାଟରୁ ବ୍ୟବସାୟ ସାରି ଏକ ଅଟୋରିକ୍ସାରେ ଘରକୁ ଫେରୁଥିବାବେଳେ ୨ଟି ବାଇକ୍‌ରେ ୬ ଜଣ ଅଭିଯୁକ୍ତ ଆସି ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ୮୦୦୦ ଟଙ୍କା ଏବଂ ମୋବାଇଲ ଛଡ଼ାଇ ନେଇଥିଲେ। ଅଭିଯୁକ୍ତ ଏବଂ ଅଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶୁଭରାଜ ବୋମାମାଡ଼ କରିବାକୁ ଉଦ୍ୟମ କରୁଥିବାବେଳେ ତାହା ତାଙ୍କ ହାତରୁ ଖସିଯାଇ ଗୋଡ଼ରେ ପଡ଼ି ବିସ୍ଫୋରଣ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପୋଲିସ ହେପାଜତରେ ତାଙ୍କର ଚିକିତ୍ସା ଚାଲିଥିଲା। ତାଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ଶୁଭରାଜ ଜଣେ ପେସାଦାର ଅପରାଧୀ। ତାଙ୍କ ନାମରେ ୩ ଜାମିନ ବିହୀନ ଗିରଫ ପରୱାନା ରହିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ଆଖୁଆପାଳର ରଣଜିତ୍ ନାଏକ, ପ୍ରଭାତ ନାଏକ ଏବଂ କୁଷ୍ଟିଆବେଡାର ସମୀର ନାଏକଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟ ୨ ଜଣ ଫେରାର ଅଛନ୍ତି।

## ଦୁର୍ଦ୍ଦିନରେ ୫୦ ଶ୍ରମିକ

- ଗେଲ୍ ଇଣ୍ଡିଆ ପାଇପ୍ କାମର ମିଳୁନି ପାଉଣା
- ଉପଜିଲାପାଳଙ୍କୁ ଭେଟି ଜଣାଇଲେ ଦୁଃଖ

କାମାକ୍ଷାନଗର, ୯।୯(ଡି.ଏନ୍.ଏ.)



ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଶ୍ରମିକମାନେ।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ଖୁଣ୍ଟିବାଟିରେ ନିର୍ମାଣାଧୀନ ଗେଲ୍ ଇଣ୍ଡିଆ ଗ୍ୟାସ୍ ପାଇପ୍ ଲାଇନ୍ ବିଛାଇବା କାର୍ଯ୍ୟରେ ନିୟୋଜିତ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଠିକାସଂସ୍ଥା ୨ମାସ ହେଲା ପାଉଣା ଦେଉନାହିଁ। ରାଜ୍ୟ ବାହାରୁ ଆସିଥିବା ସମ୍ପୃକ୍ତ ଶ୍ରମିକ ଏବଂ ସେମାନଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ଏହାର ପ୍ରତିବାଦରେ ସେମାନେ ଗୁରୁବାର ଉପଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଛନ୍ତି।

ଖୁଣ୍ଟିବାଟିରେ ଚାଲିଥିବା ଗେଲ୍ ଇଣ୍ଡିଆ ଗ୍ୟାସ୍ ପାଇପ୍ ଲାଇନ୍ ବିଛାଯିବା କାର୍ଯ୍ୟର ଦାୟିତ୍ୱ ନେଇଛି ଘରୋଇ ଠିକାସଂସ୍ଥା ଶଙ୍କର ଏଣ୍ଟରପ୍ରାଇଜର୍ସ। ଏଥିରେ ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଭଳି ବାହାର ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନିୟୋଜିତ ହୋଇଛନ୍ତି। ସେମାନେ ୪ ମାସ ହେଲା କାମ କରୁଥିବାବେଳେ ଗତ ୨ ମାସର ମଜୁରି ଦିଆଯାଇନାହିଁ। ଏ ସଂକ୍ରାନ୍ତରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟା ସମାଧାନ ବଦଳରେ ଧମକ ଦିଆଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ମଜୁରି ଟଙ୍କା ମିଳି ନ ଥିବାରୁ ଖଟିଖିଆ ଶ୍ରମିକମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ରାଶନ ସାମଗ୍ରୀ ଯୋଗାଣ ବନ୍ଦ କରିଦେଇଥିବାରୁ ଦୈନିକ ଖାଇବା ଯୋଗାଡ଼ କରିବା ମଧ୍ୟ ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ଏଥିରେ ପ୍ରଶାସନ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ନିକଟରେ ଶ୍ରମିକମାନେ ନିବେଦନ କରିଛନ୍ତି। ଅଭିଯୋଗ ସମ୍ପର୍କରେ ଉପଜିଲାପାଳ କୁହନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା। ଏହାର ସମାଧାନ ଲାଗି ଠିକାସଂସ୍ଥାକୁ ଡାକି ଆଲୋଚନା କରାଯିବ।

## ସଂକ୍ଷେପରେ

### ସିଡିପିଓଙ୍କ ଆକାଉଣ୍ଟରୁ ଟଙ୍କା ଚଲୁ ଗିରଫ ହେଲେ ଅସାଧୁ କ୍ୟାଶିୟର

ଅନୁଗୋଳ ଅଫିସ, ୯।୯- ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ)ଙ୍କ ଆକାଉଣ୍ଟରୁ ଟଙ୍କା ଚଲୁ ହୋଇଛି। ଏ ନେଇ ସିଡିପିଓ ଲିଲି ଦାସ ବଣ୍ଟରପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୯୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ମାମଲାରେ ଉକ୍ତ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ତଥା କ୍ୟାଶିୟର ଯୁଗଳ କିଶୋର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେଶ ସାହୁ ସୂଚନା ଦେଇଛନ୍ତି। ପୋଲିସ କହିଛି, ସିଡିପିଓଙ୍କ ଦସ୍ତଖତ ଜାଲ୍ କରି କ୍ୟାଶିୟର ଯୁଗଳ ଗତ ଜାନୁୟାରୀରେ ୬ ଲକ୍ଷ ୨୪ ହଜାର ଟଙ୍କା ଚଲୁ କରିଥିଲେ। ବ୍ୟାଙ୍କ ପାଶ୍‌ବୁକ୍ ଅପ୍‌ଡେଟ୍ ସମୟରେ ଏହି ଘଟଣା ପ୍ରଘଟ ହୋଇଥିଲା। ଏ ନେଇ ସିଡିପିଓ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ଯୁଗଳଙ୍କ ସମ୍ପୃକ୍ତି ରହିଛି। ଦସ୍ତଖତ ଜାଲ୍ କରି ଟଙ୍କା ଉଠାଇବା ଅଭିଯୋଗରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ୩ ଜୀବନ ନେଲା କରୋନା

ଅନୁଗୋଳ ଅଫିସ, ୯।୯- ଅନୁଗୋଳ ଜିଲାରୁ ଗୁରୁବାର ୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୧୯୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ପାଲଲହଡା ବ୍ଲକରୁ ୪ଜଣ, ଅନୁଗୋଳ ବ୍ଲକରୁ ୩, ତାଳଚେର ପୌରାଞ୍ଚଳରୁ ୩, ଛେଣ୍ଡିପଦା ବ୍ଲକରୁ ୨, ଅନୁଗୋଳ ପୌରାଞ୍ଚଳରୁ ୨ ଓ ତାଳଚେର ବ୍ଲକରୁ ୨ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୯ଜଣ କରୋନାରୁ ସୁସ୍ଥ ହୋଇଥିବା ବେଳେ ପୁଣି ୩ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲାରେ ମୋଟ ମୃତକଙ୍କ ସଂଖ୍ୟା ୩୮୩ରେ ପହଞ୍ଚିଛି।

### ମାର୍କେଟିଂ ମ୍ୟାନେଜରଙ୍କୁ ଆକ୍ରମଣ

ତାଳଚେର, ୯।୯ (ନି.ପ୍ର.)- ତାଳଚେର ସଦର ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ଟାଟା ମୋର୍ଟସର ଜଣେ ମାର୍କେଟିଂ ମ୍ୟାନେଜରଙ୍କୁ ଆକ୍ରମଣ କରାଯାଇ ଟଙ୍କା ଲୁଟି ନିଆଯାଇଛି। ଏ ନେଇ ସମ୍ପୃକ୍ତ ଅଧିକାରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବୁଧବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ସନ୍ଥପଡା ବ୍ରିଜ୍ ଠାରେ ୨ଜଣ ବାଇକ ଆରୋହୀ ଓ ଗୋଟିଏ ଅଟୋରେ ଥିବା କେତେଜଣ ଦୁର୍ବୃତ୍ତ ଟାଟା ମୋଟର୍ସର ମାର୍କେଟିଂ ମ୍ୟାନେଜର ରମେଶ କୁମାର ସାହୁଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ନିକଟରେ ଥିବା ଗୋଟିଏ ମୋବାଇଲ ଓ ୫୦୦୦ ଟଙ୍କା ନେଇ ପଳାଇ ଯାଇଥିଲେ।

### ସଂଗ୍ରାମ ପିସିସି ସାଧାରଣ ସମ୍ପାଦକ

ଅନୁଗୋଳ ଅଫିସ, ୯।୯- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ବୁଧବାର



କେତେଜଣ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ ପ୍ରଭାରୀ ଡ. ଏ. ଚେଲାକୁମାର ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁଗୋଳ ଜିଲାର ବରିଷ୍ଠ କଂଗ୍ରେସ ନେତା ସଂଗ୍ରାମ କେଶରୀ ମିଶ୍ରଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଚୟନ କରିଛନ୍ତି। ସଂଗ୍ରାମଙ୍କୁ ଏହି ନିଯୁକ୍ତି ମିଳିବା ପରେ ଅନୁଗୋଳ ଜିଲା ଯୁବ କଂଗ୍ରେସ ତଥା ଛାତ୍ର କଂଗ୍ରେସ ପକ୍ଷରୁ ସଂଗ୍ରାମ ମିଶ୍ରଙ୍କୁ ଅଭିନନ୍ଦନ ଜଣାଯାଇଛି। ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ଜିଲାରେ ସଙ୍ଗଠନ ମଜଭୁତ କରିବାକୁ ମଧ ସଙ୍ଗଠନ ପକ୍ଷରୁ କୁହାଯାଇଛି।

### ଆଇସିୟୁ ବେଡ୍ ପ୍ରଦାନ




ତାଳଚେର,୯।୯(ନି.ପ୍ର.)- ଅନୁଗୋଳ ଜିଲା ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ମଙ୍ଗଳବାର ହୁଇଲ ଚେୟାର ଓ ରିମୋର୍ଟ ଚାଳିତ ଆଇସିୟୁ ବେଡ୍ ପ୍ରଦାନ କରାଯାଇଛି। ବାଘୁଆବୋଲ ଗ୍ରାମର ପ୍ରଭାକର ସାହୁ ସ୍ତ୍ରୀ କନକଲତା ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାମାଜିକ କର୍ମୀ ବାପି ମହାନ୍ତିଙ୍କ ସହଯୋଗରେ ଏହି ଉପକରଣ ପ୍ରଦାନ କରିଛନ୍ତି। ଉପଖଣ୍ଡ ଚିକିତ୍ସାଧିକାରୀ ଡା. କର୍ଣ୍ଣରାମ ମହନ୍ତଙ୍କୁ ଏହି ସାମଗ୍ରୀ ପ୍ରଦାନ ବେଳେ ସାହୁଙ୍କ ମ୍ୟାନେଜର ଅଭୟ କୁମାର ସାହୁ ଉପସ୍ଥିତ ଥିଲେ।

# ଜଗି ବସୁଛନ୍ତି ରୋଗୀ

- ସ୍ୱାସ୍ଥ୍ୟ ରୋଗ ଚିକିତ୍ସା ପାଇଁ ହେଉଛନ୍ତି ରାତି ଅନିଦ୍ରା
- ସପ୍ତାହରେ ଦିନଟିଏ ଆସୁଛନ୍ତି ବିଶେଷଜ୍ଞ ଡାକ୍ତର
- ପୂର୍ବଦିନରୁ ହେଲମେଟ, ବ୍ୟାଗ ରଖି ଧାଡ଼ି ଦେଉଛନ୍ତି

ଅନୁଗୋଳ ଅଫିସ, ୯।୯

ଅସହ୍ୟ ଯନ୍ତ୍ରଣା ଅଥୟ କରିଦେଉଛି। ତଥାପି ରାତିଅନିଦ୍ରା ହୋଇ ପୂର୍ବଦିନରୁ ଡାକ୍ତରଙ୍କୁ ଜଗି ବସୁଛନ୍ତି ରୋଗୀ। କାରଣ ପ୍ରତି ସପ୍ତାହରେ କେବଳ ଗୁରୁବାର ଦିନକ ପାଇଁ ବିଶେଷଜ୍ଞ ଡାକ୍ତର ଆସୁଥିବାବେଳେ ମାତ୍ର ୫୦ ଜଣଙ୍କୁ ଟିକେଟ୍ ମିଳୁଛି। ତେଣୁ ଦିନକ ଆଗରୁ ଆସି ଚ୍ୟାମ୍ବର ବାହାରେ ଧାଡ଼ି ନ ଲଗାଇଲେ ଚିକିତ୍ସା ମିଳିବ ନାହିଁ। ସେଥିପାଇଁ କିଏ ଅପରାହ୍ନରେ ତ କିଏ ସନ୍ଧ୍ୟାରେ ପହଞ୍ଚି ହେଲମେଟ, ବ୍ୟାଗ ଆଦି ଲାଇନରେ ଥୋଇ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ସ୍ନାୟୁଜନିତ ରୋଗର ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନେ ଏପରି ହନ୍ତସନ୍ତ ହେବା ଉଦ୍‌ବେଗର ବିଷୟ ହୋଇଛି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ବିଭାଗର ଡାକ୍ତର ରହିଛନ୍ତି। କିନ୍ତୁ ସ୍ନାୟୁ ବିଭାଗରେ ସ୍ଥାୟୀ ଡାକ୍ତର ନ ଥିବାରୁ ଦୈନିକ ରୋଗୀଙ୍କ ଚିକିତ୍ସା ସମ୍ଭବ ହେଉନାହିଁ। ତେଣୁ ମେଡିକାଲ କର୍ତ୍ତୃପକ୍ଷ ପ୍ରତି ସପ୍ତାହରେ ଜଣେ ବିଶେଷଜ୍ଞ ଡାକ୍ତରଙ୍କୁ ବାହାରୁ ଡକାଇ ରୋଗୀଙ୍କୁ ସେବା ଯୋଗାଇ ଦେଉଛନ୍ତି। ସମ୍ପୃକ୍ତ ବିଶେଷଜ୍ଞ ମାତ୍ର ଦିନକ ପାଇଁ ଆସୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଅନୁଗୋଳ ସମେତ ଆଖପାଖ ଜିଲାର ଶତାଧିକ ସ୍ନାୟୁ ରୋଗୀଙ୍କୁ ମାତ୍ର କେଇ ଘଣ୍ଟା ମଧ୍ୟରେ ଚିକିତ୍ସା ଦେବା ଅସମ୍ଭବ ହୋଇପଡୁଛି। ସେଥିପାଇଁ ଡାକ୍ତରଖାନା ପକ୍ଷରୁ ମାତ୍ର ୫୦ ଜଣ ରୋଗୀଙ୍କୁ ଟିକେଟ୍ ଦିଆଯାଉଛି। କିନ୍ତୁ ଉକ୍ତ ଦିନ ସକାଳ ୮ଟା ସୁଦ୍ଧା ଟିକେଟ୍ ଶେଷ ହୋଇଯାଉଥିବାରୁ ଅଧିକାଂଶ ରୋଗୀଙ୍କୁ ଯନ୍ତ୍ରଣା ନେଇ ଫେରିବାକୁ ପଡୁଛି। ଫଳରେ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେବାକୁ ରୋଗୀମାନଙ୍କୁ ଦିନକ ଆଗରୁ ମୁଖ୍ୟ ଚିକିତ୍ସାଳୟକୁ ଆସିବାକୁ ପଡୁଛି। ସେମାନଙ୍କ ସହ ଆସୁଥିବା ସମ୍ପର୍କୀୟମାନେ ବିଭାଗୀୟ ଡାକ୍ତରଙ୍କ ପ୍ରକୋଷ୍ଠ ସମ୍ମୁଖରେ ଅପେକ୍ଷା କରୁଥିବାବେଳେ ରୋଗୀଙ୍କ ନାମ କାଗଜରେ ଲେଖି ନିଜ ହେଲମେଟ, ବ୍ୟାଗ ଆଦି ଲାଇନ୍‌ରେ ରଖୁଛନ୍ତି। ଦୂର ଦୂରାନ୍ତର ରୋଗୀମାନେ ଏପରି ହଇରାଣ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ରୋଗୀଙ୍କ ସମ୍ପର୍କୀୟ ଧସେଇ ପଶୁଥିବାରୁ ଅନେକ ସମୟରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ମେଡିକାଲ କର୍ତ୍ତୃପକ୍ଷ ସ୍ନାୟୁ ବିଭାଗରେ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତି ପାଇଁ ଦାବି ହେଉଛି। ଏପରି କି ସପ୍ତାହରେ ଦିନକ ପାଇଁ ଆସୁଥିବା ବିଶେଷଜ୍ଞଙ୍କୁ ୨ରୁ ୩ ଦିନ ପାଇଁ ଡକାଗଲେ ଏପରି ଅସୁବିଧା ରୋଗୀମାନଙ୍କୁ ଭୋଗିବାକୁ ପଡ଼ନ୍ତା ନାହିଁ ବୋଲି ସମ୍ପର୍କୀୟମାନେ ମତ ଦେଇଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ନାୟୁ ବିଭାଗ ଡାକ୍ତରଙ୍କ ପ୍ରକୋଷ୍ଠ ସମ୍ମୁଖରେ ରାତିରୁ ହେଲମେଟଗୁଡ଼ିକୁ ଧାଡ଼ିରେ ରଖାଯାଇଛି।

#### ଆବଶ୍ୟକତା ଅନୁଯାୟୀ ବ୍ୟବସ୍ଥା ହେବ



ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ସ୍ନାୟୁ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇଦେବାକୁ ଜଣେ ଡାକ୍ତର ପର୍ଯ୍ୟାପ୍ତ କି ନୁହେଁ, ତାହା ଅନୁଧ୍ୟାନ ପରେ ବ୍ୟବସ୍ଥା କରାଯିବ। ଏ ନେଇ ଏନ୍‌ଏଚ୍‌ଏମ୍ ଡିପିଏମ୍‌ଙ୍କୁ କୁହାଯିବ। ସମସ୍ତ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ମେଡିକାଲ କର୍ତ୍ତୃପକ୍ଷ ସର୍ବଦା ଚେଷ୍ଟା କରୁଛନ୍ତି।

-ଡାକ୍ତର ମାନସ ରଞ୍ଜନ ବିଶ୍ୱାଳ, ଏଡିଏମ୍‌ଓ (ମେଡିକାଲ), ଅନୁଗୋଳ

#### ଦିନଟିଏ ନୁହେଁ, ୩ ଦିନ ଆସନ୍ତୁ



ସ୍ନାୟୁଜନିତ ସମସ୍ୟା ଥିବାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲି। କିନ୍ତୁ ପୂର୍ବରୁ ଟିକେଟ୍ ସରିଯାଇବାରୁ ୨ ଥର ନିରାଶରେ ଫେରିଛି। ସେଥିପାଇଁ ବୁଧବାର ଅପରାହ୍ନ ୧ଟାରୁ ଆସି ଲାଇନ ଦେଇଛି। ସପ୍ତାହରେ ଦିନଟିଏ ପରିବର୍ତ୍ତେ ୩ ଦିନ ଡାକ୍ତର ଆସିଲେ ବହୁ ରୋଗୀ ଉପକୃତ ହୋଇପାରନ୍ତେ।

-ପ୍ରସନ୍ନ ଭୂତିଆ, ରୋଗୀ, ହିନ୍ଦୋଳ

#### ସ୍ଥାୟୀ ଡାକ୍ତର ନିଯୁକ୍ତି ଦିଆଯାଉ



ସପ୍ତାହରେ ମାତ୍ର ଦିନଟିଏ ଡାକ୍ତର ଆସୁଥିବାରୁ ବହୁ ରୋଗୀଙ୍କୁ ଚିକିତ୍ସା ମିଳିପାରୁ ନାହିଁ। ସାମାନ୍ୟ ବିଳମ୍ବ ହେଲେ ଟିକେଟ ସରିଯାଉଛି। ଏହି କାରଣରୁ ଥରଟିଏ ମୋତେ ଫେରିବାକୁ ପଡ଼ିଛି। ତେଣୁ ବୁଧବାରଠାରୁ ଆସି ଲାଇନ୍ ଦେଇଛି। ସ୍ଥାୟୀ ଡାକ୍ତର ନିଯୁକ୍ତି କରାଗଲେ ଏପରି ସମସ୍ୟା ସୃଷ୍ଟି ହୁଅନ୍ତା ନାହିଁ।

-ଭୋଳେଶ୍ୱର ବିଶ୍ୱାଳ, ରୋଗୀଙ୍କ ସମ୍ପର୍କୀୟ, ଭୂଷଣ ଗଣ୍ଡିଗାଡ଼ିଆ

#### ମାତ୍ର ୫୦ ଜଣଙ୍କୁ ଟିକେଟ୍ ମିଳୁଛି



ସ୍ନାୟୁଜନିତ ସମସ୍ୟା ନେଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସପ୍ତାହରେ ଶତାଧିକ ରୋଗୀ ଆସୁଛନ୍ତି। କିନ୍ତୁ ଦିନଟିଏ ପାଇଁ ଆସୁଥିବା ବିଶେଷଜ୍ଞ ଡାକ୍ତର ମାତ୍ର ୫୦ ଜଣଙ୍କୁ ଚିକିତ୍ସା କରୁଥିବାରୁ ଅନ୍ୟମାନଙ୍କୁ ଫେରିବାକୁ ପଡୁଛି। ସେଥିପାଇଁ ବୁଧବାରଠାରୁ କାଗଜରେ ନାମ ଲେଖି ହେଲମେଟ ସହ ଧାଡ଼ିରେ ରଖିଛି।

-କେଦାର ବେହେରା, ଆମ୍ବପାଳ

# କୃଷି ଋଣ ପରେ କଲେନି ବୀମା

ବନ୍ତଳା,୯।୯(ଡି.ଏନ.ଏ.)

#### ୬୬୨ ଚାଷୀଙ୍କ ଅଭିଯୋଗ

ଅନୁଗୋଳ ଜିଲା ସଂଯୁକ୍ତ ସମବାୟ କେନ୍ଦ୍ର ବ୍ୟାଙ୍କ ଅଧୀନରେ ଥିବା ପୋକତୁଙ୍ଗା ସମବାୟ ସମିତିରୁ ୨୦୨୧-୨୨ ବର୍ଷ ଖରିଫ ଚାଷ ପାଇଁ ଋଣ ନେଇଥିବା ୬୬୨ ଚାଷୀଙ୍କୁ ବୀମାଭୁକ୍ତ କରାଯାଇ ନାହିଁ। ଏ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅସନ୍ତୁଷ୍ଟ ଚାଷୀମାନେ ଗତ ଶନିବାର ଜିଲା ସହକାରୀ ରେଜିଷ୍ଟ୍ରର କୋଅପରେଟିଭ ସୋସାଇଟି (ଏଆର୍‌ସିଏସ୍)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଚାଷୀମାନେ ଦର୍ଶାଇଛନ୍ତି, ପୋକତୁଙ୍ଗା, ଧୋକୁଟା, ନନ୍ଦପୁର ପଞ୍ଚାୟତର ୬୬୨ ଜଣ ଚାଷୀ ସମିତିରୁ ୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଋଣ କରିଛନ୍ତି। ଚଳିତବର୍ଷ ମରୁଡ଼ି ପରିସ୍ଥିତି ଦେଖାଦେଇଥିଲେ ମଧ ଏହି ଚାଷୀମାନଙ୍କ ଶଷ୍ୟବୀମା କରାଯାଇ ନାହିଁ। ତେଣୁ ତୁରନ୍ତ ଚାଷୀଙ୍କୁ ବୀମାଭୁକ୍ତ କରିବା ସହ ଏ କ୍ଷେତ୍ରରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୂର୍ବତନ ସମିତି ସଭାପତି ପ୍ରହ୍ଲାଦ ସାହୁ, ସୁରେଶ ପ୍ରଧାନ, ପ୍ରଦୀପ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ସାହୁ, କ୍ଷୀରୋଦ ବାରିକ, ସଞ୍ଜୟ ସାହୁ, ହେମନ୍ତ ମହାଳିକ, ଯତୀନ୍ଦ୍ର ପ୍ରଧାନ, ଅଚ୍ଯୁତା ନନ୍ଦ ଦାସ, ପ୍ରଶାନ୍ତ କର, ଦେବାଞ୍ଜନ ଦେହୁରୀ, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଗୁରୁବାର ଏଆର୍‌ସିଏସ୍ ତ୍ରିଲୋଚନ ଦେହୁରୀ ଓ ପ୍ରଶାନ୍ତ କୁମାର ରାଉତ ପୋକତୁଙ୍ଗା ସେବା ସମବାୟ ସମିତିରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହିତ ଚାଷୀମାନଙ୍କ ବୀମା ଉକ୍ତ ଋଣରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଜିଲାପାଳ ଓ ସରକାରଙ୍କୁ ଚିଠି କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଋଣୀ ଚାଷୀଙ୍କୁ ବୀମାଭୁକ୍ତ କରି ନ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସମସ୍ତ ଚାଷୀ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦିଆଯାଇଛି।



ଚାଷୀମାନଙ୍କ ସହ ଏଆରସିଏସ୍ ଆଲୋଚନା କରୁଛନ୍ତି।

# କାନ୍ଥ ଭାଙ୍ଗି ଚାଉଳ ଖାଇଗଲା



ଦାସନାଳୀ ଗ୍ରାମରେ କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି ବନ ବିଭାଗ ଅଧିକାରୀ।

ତାଳଚେର,୯।୯(ନି.ପ୍ର.)

ତାଳଚେର ବ୍ଲକ ସନ୍ଥପଡ଼ା ପଞ୍ଚାୟତ ଦାସନାଳି ଗ୍ରାମରେ ମଙ୍ଗଳବାର ଭୋର ସମୟରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏକ ଦନ୍ତା ହାତୀ ଉକ୍ତ ଗ୍ରାମର ନକୁଳ ବାସ ସାମଲଙ୍କ ଘର କାନ୍ଥ ଭାଙ୍ଗିବା ସହ ପ୍ରାୟ ୧୦ କୁଇଣ୍ଟାଲ ଚାଉଳ ଖାଇ ଦେଇଥିବା ଅଭିଯୋଗ ହୋଇଛି। ଖବରପାଇ ତାଳଚେର ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା କ୍ଷୟକ୍ଷତି ବୁଲି ଦେଖିବା ସହ କ୍ଷତିପୂରଣ ଯୋଗାଇ ଦେବା ପାଇଁ ବନ ବିଭାଗକୁ ଅବଗତ କରାଇଥିଲେ। ଏହାପରେ ତାଳଚେର ଫରେଷ୍ଟର ଜଲି ଦେହୁରୀ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ କ୍ଷତିପୂରଣ ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ଦନ୍ତା ଯେପରି ଅଧିକ କ୍ଷୟକ୍ଷତି ନ କରେ, ସେଥିପ୍ରତି ଦୃଷ୍ଟି ଦେବାକୁ ବେହେରା ଅବଗତ କରାଇଥିଲେ। କ୍ଷୟକ୍ଷତି ଅନୁଧ୍ୟାନ ସମୟରେ ଶିବରାମ ପ୍ରଧାନ, ଗୋପାଳ ସାମଲ, କୁମୁଦ ସାମଲ, ତପନ ତ୍ରୀପାଠୀ ଓ ଫଗୁଆ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବି

ଅନୁଗୋଳ ଅଫିସ,୯।୯

ଅନୁଗୋଳ ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଧୋକୁଟା ଗ୍ରାମରେ ପଶି ହାତୀ ପଲ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ଚାଷୀମାନେ କରିଥିବା କୋବି, ବାଇଗଣ, ଭେଣ୍ଡି, ଲଙ୍କା, ଟମାଟୋ, କଦଳୀ, ଅମୃତଭଣ୍ଡା ଫସଲକୁ ହାତୀ ନଷ୍ଟ କରିଦେଇଛି। ଏଥିଯୋଗୁ ପ୍ରାୟ ୩୦ ଏକର ଜମିରେ ପରିବା ଚାଷ ଉଜୁଡ଼ି ଯାଇଥିବାରୁ ତୁରନ୍ତ କ୍ଷତିଗ୍ରସ୍ତମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି ଡିଏଫ୍‌ଓଙ୍କ ନିକଟରେ ଦାବି କରିଛନ୍ତି। ମାଝିଙ୍କ ନେତୃତ୍ୱରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ପୃଷ୍ଟି, କୃଷକ ମୋର୍ଚ୍ଚା କୋଷାଧକ୍ଷ ହେମନ୍ତ ସାହୁ, ଯୁବମୋର୍ଚ୍ଚା ଉପସଭାପତି ବିରଜା ମୋହନ ପରିଡା, ମଣ୍ଡଳ ସଭାପତି ଶିବରାମ ମହାଳିକ, ଟିକନ ସାହୁ, ପ୍ରକାଶ ସାହୁ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଧୋକୁଟା ଗ୍ରାମକୁ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଗୁରୁବାର କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝିଙ୍କ ସହ ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ପୃଷ୍ଟି, ଅଜିତ ପ୍ରଧାନ, ବିଶ୍ୱଜିତ ମିଶ୍ର ପ୍ରମୁଖ ଅନୁଗୋଳ ଡିଏଫଓ ପ୍ରସନ୍ନ ବେହେରାଙ୍କୁ ଭେଟି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ରାଶି ଶୀଘ୍ର ପ୍ରଦାନ କରିବାକୁ ଦାବି କରିଥିଲେ। ଏଥିସହ ଏକର ପିଛା କ୍ଷତିପୂରଣ ରାଶି ୧୦ ହଜାରରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଥିଲେ।




ହାତୀ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଅନୁଗୋଳ ଡିଏଫ୍‌ଓଙ୍କୁ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

### ୨୦ କୋଟି ଠକି ଦମ୍ପତି ଗିରଫ ଘଟଣା
# ଯୋଡ଼ିହେଲା ୫ ନୂଆ ମାମଲା

ଅନୁଗୋଳ ଅଫିସ, ୯।୯

ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୧୩ଶହ ନିଯୁକ୍ତି ଆଶାୟୀଙ୍କୁ ଚାକିରି କରାଇଦେବାକୁ କହି ସେମାନଙ୍କ ନିକଟରୁ ପ୍ରାୟ ୨୦ କୋଟି ଟଙ୍କା ଠକି ନେଇଥିବା ଏକ ବଙ୍ଗୀୟ ଦମ୍ପତିଙ୍କୁ ଅନୁଗୋଳ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ଠକେଇ ଘଟଣାରେ ଅନୁଗୋଳ ଜିଲାର ବିଭିନ୍ନ ଥାନାରେ ପୂର୍ବରୁ ୬ଟି ମାମଲା ହୋଇଥିବାବେଳେ ଗୁରୁବାର ଆଉ ୫ଟି ନୂଆ ମାମଲା ରୁଜୁ ହୋଇଛି। ଅନୁଗୋଳ ସଦର ସହ ତାଳଚେର, ନାଲ୍‌କୋ, କୋଲିୟରୀ ଓ ବିକ୍ରମପୁର ଥାନାରେ ଠକେଇର ଶିକାର ହୋଇଥିବା ଚାକିରି ଆଶାୟୀମାନେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କୋଲକାତାର ଦମ୍ପତି ଚୈତାଲୀ ମୁଖାର୍ଜୀ ଓ ମ୍ରିଗାଙ୍ଗ ଗୁପ୍ତା ଟାଟା କମ୍ପାନୀର ନକଲି ଅଧିକାରୀ ସାଜି ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଠାରୁ ୨୦ କୋଟିରୁ ଅଧିକ ଟଙ୍କା ଠକେଇ କରିଛନ୍ତି। ଘଟଣାର ତଦନ୍ତ ଜାରି ରଖିଥିବା ପୋଲସ ପକ୍ଷରୁ କୁହାଯାଇଛି।

# ବିଦା ହେଲେ ସୁରକ୍ଷାକର୍ମୀ

ଅନୁଗୋଳ ଅଫିସ, ୯।୯

#### ରୋଗୀଙ୍କୁ ଇଞ୍ଜେକଶନ ଦେବା ଘଟଣା

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ସୁରକ୍ଷାକର୍ମୀ ରୋଗୀଙ୍କୁ ଇଞ୍ଜେକଶନ ଦେବା ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରସାରଣ ପରେ ମେଡିକାଲ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ଏଡିଏମ୍‌ଓ(ମେଡିକାଲ)ଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ସମ୍ପୃକ୍ତ ସୁରକ୍ଷା କର୍ମୀଙ୍କୁ ଠିକା ସଂସ୍ଥା କାର୍ଯ୍ୟରୁ ବିଦା କରିଛି। କାହା ଅବହେଳା କାରଣରୁ ଏଭଳି ଘଟଣା ହୋଇଛି, ସେ ନେଇ ତଦନ୍ତ କରାଯିବ ବୋଲି ଏଡିଏମ୍‌ଓ(ମେଡିକାଲ) କହିଛନ୍ତି। କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟର କାଜୁଆଲଟିରେ ଜଣେ ନର୍ସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଇଞ୍ଜେକଶନ ରୁମ୍‌ରେ କିଏ ଡ୍ୟୁଟି କରିବେ, କାଜୁଆଲଟିରେ କେଉଁମାନେ ଦାୟିତ୍ୱରେ ରହିବେ, ଏସବୁ ସେ ତଦାରଖ କରିବେ। ଏପରି କି କାଜୁଆଲଟିରେ ସମସ୍ୟା ହେଲେ ତୁରନ୍ତ ଏଡିଏମ୍‌ଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବାକୁ ମଧ କୁହାଯାଇଥିଲା। କିନ୍ତୁ ସେ ନିଜ ଦାୟିତ୍ୱରେ ଅବହେଳା କରିଥିବାରୁ ଗତ ମଙ୍ଗଳବାର ଜଣେ ସୁରକ୍ଷାକର୍ମୀ ରୋଗୀଙ୍କୁ ଇଞ୍ଜେକଶନ ଦେବା ପରି ଘଟଣା ଘଟିଛି। ଫଳରେ ମେଡିକାଲ ପରିଚାଳନା କିପରି ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




ସୁରକ୍ଷା କର୍ମୀ ଇଞ୍ଜେକଶନ ଦେଉଛନ୍ତି।

# ରେଲୱେ ଓଭରବ୍ରିଜ୍ ପାଇଁ ସ୍ମାରକପତ୍ର

ତାଳଚେର,୯।୯(ନି.ପ୍ର.)

ତାଳଚେର ବ୍ଲକ ଘଣ୍ଟପଡ଼ା ରେଲୱେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତାଳଚେର ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ଜିଲା ପରିଷଦ ସଭ୍ୟା ମଞ୍ଜୁ ବେହେରା, ଘଣ୍ଟପଡ଼ା ସମିତି ସଭ୍ୟା ସରୋଜିନୀ ବେହେରା, ଚିତ୍ତରଞ୍ଜନ ରଥ, ବରୁଣ କୁମାର ସାହୁ, ସରୋଜ କୁମାର ରଥ ଓ ଲଲାଟେନ୍ଦୁ ବେହେରା ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ଦର୍ଶାଯାଇଛି, ଏହି ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଥିବାରୁ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏମ୍‌ସିଏଲ୍ ପକ୍ଷରୁ ରେଳଯୋଗେ ବ୍ୟାପକ ପରିମାଣର କୋଇଲା ପରିବହନ କରାଯାଉଥିବାରୁ ଦୀର୍ଘ ସମୟ ଧରି ରେଳ ଫାଟକ ବନ୍ଦ ରହୁଛି। ଏଥିପାଇଁ ଲୋକଙ୍କୁ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ରାଜ୍ୟ ଓ କେନ୍ଦ୍ର ସରକାର ଏମ୍‌ସିଏଲ୍ ଠାରୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରୁଥିବା ବେଳେ ଏକ ଓଭର ବ୍ରିଜ୍ ନିର୍ମାଣ ଅଧପନ୍ତରିଆ ଭାବେ ପଡ଼ି ରହିବା ଅସନ୍ତୋଷ ସୃଷ୍ଟି କରିଛି। ତୁରନ୍ତ କେନ୍ଦ୍ରମନ୍ତ୍ରୀ ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି।

# ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ, ୫ ଅଟକ

ଛେଣ୍ଡିପଦା,୯।୯(ସ୍ୱ.ପ୍ର.)

#### ୧୭ ଘଣ୍ଟା ପରେ ପହଞ୍ଚିଲା ସାଇଣ୍ଟିଫିକ୍ ଟିମ୍

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଶିମିଳି ପଞ୍ଚାୟତ ସାପୋଇନାଳିସ୍ଥିତ ଏକ ପରିତ୍ୟକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ବୁଧବାର ରାତିରେ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ସେହି ପଞ୍ଚାୟତ ଘଡ ଗ୍ରାମର ସଦାନନ୍ଦ ଦେହୁରୀଙ୍କ ପୁଅ ଦୀପକ ଦେହୁରୀ। ତେବେ ସାଇଣ୍ଟିଫିକ ଟିମ୍‌ର ବିଳମ୍ବ ଯୋଗୁ ମୃତଦେହ ୧୭ ଘଣ୍ଟା ଧରି ପଡ଼ିରହିଥିବାରୁ ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

ପୋଲିସ ସୂଚନା ମୁତାବକ, ସାପୋଇନାଳି ରାଜୀବଭବନ ନିକଟ ପରିତ୍ୟକ୍ତ ଅଙ୍ଗନୱାଡି କେନ୍ଦ୍ରରେ ୬ ଜଣ ଟ୍ରାକ୍ଟର ଡ୍ରାଇଭର ରାତିରେ ଭୋଜି କରୁଥିଲେ। ଭୋଜି ସରିଲା ପରେ ୫ ଜଣ ଘରକୁ ଯାଇଥିଲେ ହେଁ ଦୀପକ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଭୋଜିସ୍ଥଳରେ ଦୀପକଙ୍କ ମୃତଦେହ ପଡ଼ିଥିବା ଦେଖି ତାଙ୍କ ବାପା ସଦାନନ୍ଦ ବାଗଡିଆ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଭୋଜିରେ ସାମିଲ ଥିବା ଅନ୍ୟ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ତେବେ ତଦନ୍ତରେ ଅଗ୍ରଗତି ପାଇଁ ଦୀର୍ଘ ୧୭ ଘଣ୍ଟା ଧରି ସାଇଣ୍ଟିଫିକ୍ ଟିମ୍ ନ ଆସିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ବାଗଡିଆ-ବସନ୍ତପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଲୋକମାନଙ୍କୁ ପୋଲିସ ବୁଝାଶୁଝା କରିବା ପରେ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତକାରଣ ଜଣାପଡିବ ବୋଲି ବାଗଡିଆ ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି।



ପୋଲିସ ତଦନ୍ତ କରୁଥିବା ବେଳେ ଘଟଣାସ୍ଥଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରବଳ ଭିଡ଼।

